# ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଉପଲକ୍ଷେ-(ପିଣ୍ଡ ବ୍ରହ୍ମାଣ୍ଡରେ କୃଷ୍ଣ ରହସ୍ୟ)

(ବସୁଦେବ ସୁତଂ କୃଷ୍ଣ କଂସ ଚାଣୁର ମର୍ଦ୍ଦନଂ,ଦେବକୀ ପରମାନନ୍ଦଂ କୃଷ୍ଣ ବନ୍ଦେ ଜଗତ୍‌ଗୁରୁଂ)

**ଓଁ ନମୋ ଭଗବତେ ବାସୁଦେବାୟ**

ଜଗତର ପ୍ରତ୍ୟେକ ପ୍ରାଣୀ ଈଶ୍ୱରାଭିମୁଖୀ । ପ୍ରାରବ୍ଧ କର୍ମଫଳାନୁଯାୟୀ ଜନ୍ମ ଜନ୍ମାନ୍ତରରେ ଦୁର୍ଲ୍ଲଭ ମାନବ ଶରୀର ପ୍ରାପ୍ତ ହୋଇଥାଏ । ଜନ୍ମ ଠାରୁ ମୃତ୍ୟୁର ସ୍ୱଳ୍ପକାଳୀନ ଜୀବନ ମଧରେ କର୍ମଫଳାନୁଶାରେ ତାହାକୁ ବହୁବିଧ ସୁଖ,ଦୁଃଖର ତିକ୍ତ ମଧୁର ଅନୁଭୁତିକୁ ଗ୍ରହଣ କରିବାକୁ ପଡିଥାଏ । ଧର୍ମ ଓ ଅଧର୍ମର ପରିଭାଷା ଜାଣିଲେ ମଧ ସେଥିରେ ପ୍ରବୃତି ଓ ନିବୃତିର ଅଭ୍ୟାସ ବିନା ଭାଗ୍ୟ ଓ ଭଗବାନଙ୍କୁ ଦାୟୀ କରେ । ଆତ୍ମ ସମୀକ୍ଷା ଓ ଈଶ୍ୱରାନୁଭୂତି ବ୍ୟତିରେକ ପରମାତ୍ମାଙ୍କ ସାନ୍ନିଧିଲାଭର ଆଶା ଓ କଳ୍ପନା ମରୀଚିକା ସଦୃଶ । ଭଗବାନଙ୍କ ପ୍ରଦତ ଦିବ୍ୟଜ୍ଞାନର ଅଧିକାରୀ ହୋଇଥିଲେ ମଧ ତାହାର ଉପଯୋଗ ପାଇଁ ଆଦର୍ଶ ଜୀବନଚର୍ଯ୍ୟା ଏକାନ୍ତ ଆବଶ୍ୟକ । ଚତୁରାଶ୍ରମ ମଧରୁ ଗୃହସ୍ଥାଶ୍ରମ ଶ୍ରେଷ୍ଠ ଓ ଉତ୍କୃଷ୍ଟ ଅଟେ । ସତ୍‌ଚିନ୍ତା ଓ ସଦାଚରଣ ଦ୍ୱାରା ବ୍ୟକ୍ତିର ଆଧାତ୍ମିକ ଉପଲବ୍ଧି ଆସିଥାଏ । ଭଗବାନଙ୍କର ଆଶୀର୍ବାଦ ସ୍ୱରୂପ ପ୍ରାଣୀ ସଦ୍‌ବୁଦ୍ଧି ସମ୍ପନ୍ନ ହୁଏ । କିନ୍ତୁ "ଯସ୍ମୈ ଦେବାଃ ପ୍ରୟଛନ୍ତି ପୁରୁଷାୟ ପରାଭବଂ,ବୁଦ୍ଧିଂ ତସ୍ୟାପକର୍ଷନ୍ତୀ ସଃ ବାଚି ଅବାଚିନାନୀ ପଶ୍ୟତି" ଅର୍ଥାତ୍ ଅସଦାଚରଣ ବ୍ୟକ୍ତିକୁ ଦଣ୍ଡ ସ୍ୱରୂପ ତାହାର ବୁଦ୍ଧିକୁ ଅପହରଣ କରି ନେଇଯିବା କାରଣରୁ ମନ୍ଦକର୍ମକୁ ସେ ଭଲ ମନେକରିଥାଏ । ଏହି ପରିପ୍ରେକ୍ଷୀରେ ସଦ୍ ବୁଦ୍ଧିହିଁ ଭଗବାନଙ୍କର ଆଶୀର୍ବାଦ ଏବଂ ଦୁର୍ବୁଦ୍ଧି ଅଭିଶାପ ସ୍ୱରୂପ ଅଟେ । ଅତଏବ ମହାନ୍ ଭାରତୀୟ ସଂସ୍କୃତିରେ ସର୍ବସ୍ୟ ଲୋଚନଂ ଶାସ୍ତ୍ର କ୍ରମରେ ଅଷ୍ଟାଦଶ ବିଦ୍ୟାର ପ୍ରଚଳନ ରହିଛି । ତନ୍ମଧରୁ " ଷଡାଙ୍ଗ ବେଦ ଚତ୍ୱାରି ମୀମାଂଶା ନ୍ୟାୟ ବିସ୍ତରଃ,ଧର୍ମଶାସ୍ତ୍ର ପୁରାଣାଦି ଏତାଃବିଦ୍ୟା ଚତୁର୍ଦ୍ଦଶ" ପରିପ୍ରେକ୍ଷୀରେ ଶିକ୍ଷା,କଳ୍ପ,ବ୍ୟାକରଣ,ନିରୁକ୍ତ,ଛନ୍ଦ,ଜ୍ୟୋତିଷ ଆଦି ଷଡାଙ୍ଗ,ଋକ୍,ଯଜୁଃ,ସାମ ଓ ଅର୍ଥବାଦି ଚତୁର୍ବେଦ,ମୀମାଂଶା ଶାସ୍ତ୍ର,ନ୍ୟାୟଶାସ୍ତ୍ର,ଧର୍ମଶାସ୍ତ୍ର ଓ ପୁରାଣାଦି ଗ୍ରନ୍ଥ ମାନଙ୍କରେ ପ୍ରତୀକାତ୍ମକ ଭାବରେ ଦିବ୍ୟଜୀବନ ଯାପନର ପ୍ରୟୋଗାତ୍ମକ କୌଶଳକୁ ଅବଲମ୍ବନ କରିବା ପାଇଁ ନିର୍ଦ୍ଦେଶ ଦିଆ ଯାଇଛି । ଆମ ସଂସ୍କୃତିରେ ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ଅବକାଶରେ ବ୍ରତ,ଉପବାସ,ଦେବାର୍ଚ୍ଚନକୁ ବାହ୍ୟ ଓ ଅଭ୍ୟନ୍ତରରେ ପାଳନ କରି କୃଷ୍ଣ ଚେତନାକୁ ଆହରଣ କରି ପାରିଲେ ମାନବ ଜୀବନରେ ଅର୍ଜୁନଙ୍କ ପରି ଦିବ୍ୟାନୁଭୁତି ଲାଭକରି ପାରିବ ଏହା ନିଃସନ୍ଦେହ ।

ପିଣ୍ଡ ହିଁ ବ୍ରହ୍ମାଣ୍ଡ । ଯତ୍ ପିଣ୍ଡେ ତତ୍ ବ୍ରହ୍ମାଣ୍ଡେ । ବାଲ୍ୟକାଳରେ ମା,ଯଶୋଦା କୃଷ୍ଣ ମୁଖାରବିନ୍ଦ ମଧରେ ବିଶ୍ୱ ବ୍ରହ୍ମାଣ୍ଡ ଦର୍ଶନ କରିଥିଲେ । ଶ୍ରୀମଦ୍ ଭଗବତ୍ ଗୀତାରେ ଭଗବାନ କହିଛନ୍ତି-" ଇଦଂ ଶରୀର କୌନ୍ତେୟ କ୍ଷେତ୍ରମିତ୍ୟଭିଦୀୟତେ" । ହେ କୌନ୍ତେୟ ଅର୍ଜୁନ,ଏହି ଶରୀର ହିଁ କ୍ଷେତ୍ର ସୃଦୃଶ । ଏହାହିଁ ଧର୍ମକ୍ଷେତ୍ର ଓ କରୁକ୍ଷେତ୍ର । ଏହି କ୍ଷେତ୍ରରେ ଅହରହ ଦୁର୍ଗୁଣ ରୂପୀ କୌରବ ମାନଙ୍କୁ ସୁଗୁଣର ପ୍ରତୀକ ପାଣ୍ଡବ ମାନଙ୍କୁ ନେଇ ସମୟର ସୁଦର୍ଶନ ଚକ୍ରଧାରୀ ଲୀଳା ପୁରୁଷୋତମ ଭଗବାନ ଶ୍ରୀକୃଷ୍ଣ ଦିବ୍ୟଲୀଳାର ଅବତାରଣା କରୁଛନ୍ତି । ତେଣୁ ଯଥାର୍ଥରେ ଶଙ୍କରାଚାର୍ଯ୍ୟକହନ୍ତି- କାମ କ୍ରୋଧଶ୍ଚ ଲୋଭଶ୍ଚ ଦେହେ ତିଷ୍ଠନ୍ତି ତସ୍କରାଃ,ଜ୍ଞାନରତ୍ନପହାରାୟ ତସ୍ମାତ୍ ଜାଗ୍ରତ ଜାଗ୍ରତ । ଅର୍ଥାତ୍ କାମ,କ୍ରୋଧ,ଲୋଭ,ମୋହ,ମଦ,ମାତ୍ସର୍ଯ୍ୟାଦି ତସ୍କର ମାନେ ପ୍ରତିଟି ସମୟରେ ମନୁଷ୍ୟର ଜ୍ଞାନରୂପକ

ରତ୍ନକୁ ଅପହରଣ କରି ନେବା ପାଇଁ  ଚେଷ୍ଟା କରୁଅଛନ୍ତି । ଏଣୁ ଏଥିପ୍ରତି ସଜାଗ ରହିବା ପାଇଁ କେବଳ ଏକମାତ୍ର ଭରଷା କୃଷ୍ଣ ଚେତନା  ।

କାରଣ କୃଷ୍ଣ ଶବ୍ଦର ତାତ୍ପର୍ଯ୍ୟ ଏହିଯେ-ଆକର୍ଷୟତି କାରୀନ୍ ଇତି କୃଷ୍ଣଃ । ଅର୍ଥାତ୍ ଯେ ଶତ୍ରୁ ମାନଙ୍କୁ ଆକର୍ଷଣ,ସଂହାର କରିବା ପାଇଁ ସମର୍ଥ ଅଟନ୍ତି । ଅତଏବ ଆଜି ଏହି ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀରେ ବେଦ ବାଣୀ "ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବାଃ,ଭଦ୍ରଂ ପଶ୍ୟାମି ଅକ୍ଷିଭିଃ ଯଯତ୍ରାଃ,ସ୍ଥିରୈଃରଙ୍ଗୈ ସ୍ତୁଷ୍ଟୁବାଂ ସ୍ଵସ୍ତନୁଭିଃ ବଶେମହୀ ଦେବହିତଂ ଯଦାୟୁଃ" ଧେୟ ହେଉ । ଅର୍ଥାତ୍ ହେ ଦେବଗଣ ମୋତେ ଏହି ଆଶୀର୍ବାଦ ପ୍ରଦାନ କରନ୍ତୁ,ଯେପରିକି ଆପଣଙ୍କ  ପ୍ରଦତ ଦିବ୍ୟ ଜ୍ଞାନ ସମନ୍ୱିତ ଏହି ଦୁର୍ଲ୍ଲଭ ମାନବ ଜୀବନରେ ମୋର କ ର୍ଣ୍ଣଦ୍ୱୟରେ ଭଲକଥା ଶୁଣିବି,ଆଖିରେ ଭଲ କଥା ଦେଖିବି,ଯାହା ଦ୍ୱାରାକି ମୋର ଏହି ଅତି ପ୍ରଭାବଶାଳୀ ଇନ୍ଦ୍ରିୟମାନେ ଅବିଚଳିତ ରହିପାରିବେ । ଏବଂ ଏହା ଦ୍ୱାରା ମୋର ଅଙ୍ଗ,ପ୍ରତ୍ୟଙ୍ଗ ସ୍ଥିର ରହିବ ଓ ମୁଁ ସର୍ବଦା ହିତ ସାଧନରେ ବ୍ରତୀ ହୋଇ ପାରିବି । ସତାଇଶ ନକ୍ଷତ୍ର ମଧରୁ ଚନ୍ଦ୍ରଙ୍କ ଅତି ପ୍ରିୟତମା ରୋହିଣୀ ନକ୍ଷତ୍ର ବୃଷ ରାଶିରେ ନିଶାର୍ଦ୍ଧର ଅଭିଜିତ୍ ମୁହୂର୍ତ୍ତରେ ଧରାବତରଣ କରିଥିବା ଲୀଳାମୟ ଭଗବାନ ଶ୍ରୀକୃଷ୍ଣ ,ମୋର ଏହି  ଗାର୍ହସ୍ଥ୍ୟ ଜୀବନରେ ସାତ୍ୱିକ ଆହାର ଗ୍ରହଣ ପୂର୍ବକ ସଦାଚାର ମାଧମରେ ମୋର ମସ୍ତକ ସଦା ସର୍ବଦା ଆପଣଙ୍କୁ ପ୍ରଣାମ କରୁଥାଉ,କର୍ଣ୍ଣ ସବୁବେଳେ ଆପଣଙ୍କ ଦିବ୍ୟ ଚରିତ ଶ୍ରବଣ କରୁ,ଚକ୍ଷୁ ଆପଣଙ୍କ ସ୍ୱରୂପ ଦର୍ଶନ,ମୁଖ ଗୁଣ,କୀର୍ତନ, ଆଧାତ୍ମିକ ଶାସ୍ତ୍ରାଧୟନ,ହସ୍ତ ଅର୍ଚ୍ଚନ,ପାଦ ତୀର୍ଥାଟନ ମାଧମରେ ଆଜିର ଏହି ପବରମପାବନ ଦିବସରେ ମୋର ହୃଦୟ ମନ୍ଦିରରେ ବିରାଜ ମାନ କରି ମୋର ଶ୍ରଦ୍ଧା,ବିଶ୍ୱାସର ଭକ୍ତିପୂତ ଚନ୍ଦନାର୍ଚ୍ଚିତ କସୁମାଞ୍ଜଳି ଗ୍ରହଣ କରନ୍ତୁ ।

ଶ୍ରୀକୃଷ୍ଣ ସମର୍ପଣ ମସ୍ତୁ ॥

**ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର**

**ମଙ୍ଗରାଜପୁର ଶାସନ, କାଦୁଆ,ଜଗନ୍ନାଥପ୍ରସାଦ.ଗଞ୍ଜାମ,**

**ଦୂରଭାଷ- ୦୬୮୧୮,୨୬୬୦୫୮/୯୭୭୭୮୦୧୮୫୫**